ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ
ବନାମ
ଜସବିର ସିଂ ଏବଂ ଅନ୍ୟମାନେ

ଜୁଲାଇ 17, 2006

[ଅରିଜିତ୍ ପାସାୟତ ଏବଂ ଲୋକେଶ୍ୱର ସିଂ ପଣ୍ଡା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ବେତନ ହାର -- ଏଥିରେ ସଂଶୋଧନ-- ଅଧ୍ୟାପକ ଭାବେ ସ୍ଥାନାନ୍ତରଣ ଆଧାରରେ ନିଯୁକ୍ତ ଶିକ୍ଷକ-- ଅଧ୍ୟାପକଙ୍କ ବେତନ ହାର ପାଇଁ ଦାବି -- ହକ୍ -- ନିର୍ଣ୍ଣୟ ହୋଇଛି: ସରକାରୀ ଆଦେଶ ତାରିଖ 3.8.1990 ଅନୁଯାୟୀ ହକଦାର ନଥିଲେ, ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେମାନଙ୍କ ନିଜସ୍ୱ ବର୍ତ୍ତମାନର ବେତନ ହାରରେ ସ୍ଥାନାନ୍ତର ଆଧାରରେ ନିଯୁକ୍ତ କରାଯାଇଥିଲା ଏବଂ ସେମାନେ କୌଣସି ଆର୍ଥିକ ଲାଭ ପାଇବାକୁ ହକଦାର ନୁହଁନ୍ତି ।*

**ଉତ୍ତରଦାତାମାନେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ସରକାରୀ ଆଦେଶ ଆଧାରରେ, କେତେକ ଅଧିକାରୀଙ୍କୁ ସେମାନଙ୍କ ବର୍ତ୍ତମାନର ବେତନ ହାରରେ ପ୍ରତିନିଯୁକ୍ତି ଏବଂ ସ୍ଥାନାନ୍ତର ଆଧାରରେ ନିଯୁକ୍ତ କରାଯିବାର ଥିଲା । ତଦନୁସାରେ ଉତ୍ତରଦାତାମାନଙ୍କୁ ନିଯୁକ୍ତ କରାଯାଇଥିଲା ଏବଂ ସ୍ଥାନାନ୍ତର ପରେ ସେମାନଙ୍କୁ ଅଧ୍ୟାପକ ଭାବରେ ନିଯୁକ୍ତ କରାଯାଇଥିଲା । ସେମାନେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଯେଉଁଥିରେ ସେମାନେ ଦାବି କରିଥିଲେ ଯେ ପ୍ରାରମ୍ଭିକ ପ୍ରତିନିଯୁକ୍ତି ତାରିଖ ଠାରୁ ଅଧ୍ୟାପକ ଭାବରେ ସାମିଲ ହେବା ପର୍ଯ୍ୟନ୍ତ ଅଧ୍ୟାପକଙ୍କ ପାଇଁ ପ୍ରଯୁଜ୍ୟ ବେତନ ହାର ଲାଗୁକରିବା ପାଇଁ । ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଉତ୍ତରଦାତାମାନେ ଅଧ୍ୟାପକ ପଦବୀରେ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ତେଣୁ, ପ୍ରାରମ୍ଭିକ ପ୍ରତିନିଯୁକ୍ତି ତାରିଖ ଠାରୁ ପ୍ରକୃତ ସାମିଲ ହେବା ପର୍ଯ୍ୟନ୍ତ ସେମାନେ ସଂଶୋଧିତ ବେତନ ହାର ପାଇବାକୁ ହକଦାର । କ୍ଷତିଗ୍ରସ୍ତ ରାଜ୍ୟ ଏହି ଆବେଦନ ଦାଖଲ କରିଥିଲା ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ତା 3.8.1990 ରିଖର ସରକାରୀ ଆଦେଶରେ ଏହା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା ଯେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରତିନିଯୁକ୍ତି ଏବଂ ସ୍ଥାନାନ୍ତର ଆଧାରରେ, ସେମାନଙ୍କ ନିଜସ୍ୱ ବର୍ତ୍ତମାନର ବେତନ ହାରରେ ନିଯୁକ୍ତ କରାଯାଇଥିଲା ଏବଂ ସେମାନେ କୌଣସି ଆର୍ଥିକ ଲାଭ, ବରିଷ୍ଠତା ଇତ୍ୟାଦି ପାଇବାକୁ ହକଦାର ନଥିଲେ । ସ୍ପଷ୍ଟ ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ରାୟରେ ଗୁରୁତର ତ୍ରୁଟି କରିଥିଲେ ଯେ ଉତ୍ତରଦାତାମାନେ ଅଧ୍ୟାପକଙ୍କ ପାଇଁ ପ୍ରଯୁଜ୍ୟ ବେତନ ହାର ପାଇବାକୁ ହକଦାର ଥିଲେ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 2999/2006

ତା 26.9.2002 ରିଖରେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 5857/1999, 3243 ଏବଂ 8774/2000 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସରୁପ ସିଂହ, ଏଏଜି, ପଞ୍ଜାବ ଏବଂ ଅରୁଣ କେ. ସିହ୍ନା ଆବେଦନକାରୀଙ୍କ ପାଇଁ ।

ଅମ୍ବୋଜ କୁମାର ସିହ୍ନା ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପସାୟତଙ୍କ** ଦ୍ୱାରା । ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଛି, ଯେଉଁଥିରେ କୁହାଯାଇଛି ଯେ ପ୍ରାରମ୍ଭିକ ପ୍ରତିନିଯୁକ୍ତି ତାରିଖ ଠାରୁ ଅଧ୍ୟାପକ ଭାବରେ ସାମିଲ ହେବା ପର୍ଯ୍ୟନ୍ତ, ଉତ୍ତରଦାତାମାନେ ଅଧ୍ୟାପକଙ୍କ ପାଇଁ ପ୍ରଯୁଜ୍ୟ ହାରରେ ଦରମା ପାଇବାକୁ ହକଦାର ଅଟନ୍ତି ।

ନିର୍ବିବାଦିତ ପୃଷ୍ଠଭୂମିକୁ, ମୁଖ୍ୟତଃ ନିମ୍ନରେ ଦିଆଗଲା:

ଉତ୍ତରଦାତାମାନେ ପଞ୍ଜାବ ଶିକ୍ଷା ବିଭାଗରେ ମାଷ୍ଟର ଭାବରେ ନାମିତହୋଇ, ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ତା 20.07.90 ରିଖର ସରକାରୀ ଆଦେଶ ସଂଖ୍ୟା 22/7/90-Edu.IV-3577-78, ଆଧାରରେ କେତେକ ଅଧିକାରୀଙ୍କୁ ପ୍ରତିନିଯୁକ୍ତି ଏବଂ ସେମାନଙ୍କ ବର୍ତ୍ତମାନର ବେତନ ହାରରେ ପ୍ରତ୍ୟେକଙ୍କ ପାଇଁ ଉଲ୍ଲିଖିତ ପଦବୀ ସହିତ ସ୍ଥାନାନ୍ତର ଆଧାରରେ ନିଯୁକ୍ତ କରାଯାଇଥିଲା । ସେହି ଅନୁଯାୟୀ ନଅ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ସ୍ଥାନାନ୍ତର ପରେ ସେମାନଙ୍କୁ ଅଧ୍ୟାପକ ଭାବରେ ନିଯୁକ୍ତ କରାଯାଇଥିଲା । ତା 3.8.1990 ରିଖର ସରକାରୀ ଆଦେଶ ଗୁରୁତ୍ୱପୂର୍ଣ୍ଣ ଅଟେ, ଯାହାକୁ ଆମେ *ନିମ୍ନରେ* ପ୍ରତିପାଦନ କରିବୁ । ଉତ୍ତରଦାତାମାନେ ଦାବି କରିଥିଲେ ଯେ ସେମାନେ ଅଧ୍ୟାପକ ଭାବରେ ବେତନ ହାର ପାଇବାକୁ ହକଦାର କାରଣ ସେମାନେ ପ୍ରତିନିଯୁକ୍ତିରେ ଅଛନ୍ତି ଏବଂ ଅଧ୍ୟାପକ ଭାବରେ ଅଭିଜ୍ଞତାକୁ, ମୂଳ ବିଭାଗରେ ଗଣନା କରାଯିବା ଉଚିତ । ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ 1989 ମସିହା ଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟ ପାଇଁ ବକେୟା ବେତନ ଦାବି କରିବା, ବେତନ ହାରରେ ପାର୍ଥକ୍ୟ କାରଣରୁ ହୋଇଛି । ଏହା ବିଳମ୍ବ ହୋଇଥିବା ଜଣାପଡ଼ିଥିଲା ଏବଂ ସେହି ଅନୁଯାୟୀ ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ତଥାପି, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଉତ୍ତରଦାତାମାନେ ଅଧ୍ୟାପକ ପଦବୀରେ କର୍ତ୍ତବ୍ୟ ନିର୍ବାହ କରିଥିଲେ, ତେଣୁ, ପ୍ରାରମ୍ଭିକ ପ୍ରତିନିଯୁକ୍ତି ତାରିଖ ଠାରୁ ପ୍ରକୃତ ସାମିଲ ପର୍ଯ୍ୟନ୍ତ ସେମାନେ ସଂଶୋଧିତ ବେତନ ହାର ପାଇବାକୁ ହକଦାର ଥିଲେ ।

ଆବେଦନକୁ ସମର୍ଥନ କରି, ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ ଯେ ତା 3.8.1990 ରିଖର ଆଦେଶ ସ୍ପଷ୍ଟ ଭାବରେ ସୂଚିତ କରେ ଯେ କୌଣସି ପ୍ରକାରର ଆର୍ଥିକ ଲାଭ କିମ୍ବା ଅଭିଜ୍ଞତାରେ ଲାଭ ପାଇଁ ଦାବି କରିବା ଉପଲବ୍ଧ ନଥିଲା । ଦାବି କରିବା ବିଳମ୍ବ ହୋଇଛି ବୋଲି ସ୍ୱୀକାର କରିବା ପରେ ଉଚ୍ଚ ନ୍ୟାୟାଳୟ ଏହାକୁ କାର୍ଯ୍ୟାନୁଷ୍ଠାନ ର କାରଣ ଭାବରେ ବିବେଚନା କରିବା ଉଚିତ୍ ନୁହେଁ । ଏହି ଦାବି ଅତ୍ୟନ୍ତ ବିଳମ୍ବ ହୋଇଥିଲା ଏବଂ ତେଣୁ, କୌଣସି ଉପଚାର ଉପଲବ୍ଧ ନଥିଲା । ତା 3.8.1990 ରିଖର ଆଦେଶର ପ୍ରଭାବ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇଯାଇଛି । 1989 ମସିହାରେ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା, ଉଚ୍ଚ ନ୍ୟାୟାଳୟ ଉପୋରୋକ୍ତ କାରଣ ଦର୍ଶାଇ ବେତନରେ ବକେୟା ଦରମା ଦାବିକୁ ଖାରଜ କରି ଦେଇଥିଲେ ଏବଂ ବର୍ତ୍ତମାନର ଆବେଦନକାରୀମାନଙ୍କୁ ପ୍ରାରମ୍ଭିକ ନିଯୁକ୍ତି ତାରିଖ ଠାରୁ ନିୟମିତକରଣ ତାରିଖ ପର୍ଯ୍ୟନ୍ତ ବେତନର ଲାଭ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟପକ୍ଷରେ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଦର୍ଶାଇଛନ୍ତି ଯେ ଦୀର୍ଘ ସମୟ ଧରି ସେବା ପ୍ରଦାନ କରିଥିବା ଉତ୍ତରଦାତାମାନଙ୍କୁ ସେମାନଙ୍କର ବୈଧ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ।

ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଆହୁରି ଯୁକ୍ତି କରିଥିଲେ ଯେ ଉତ୍ତରଦାତାମାନେ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ ଏବଂ କେବଳ ଏଥିପାଇଁ ଯେ ତା 3.8.1990 ରିଖର ଆଦେଶରେ ପ୍ରତିନିଯୁକ୍ତି ଏବଂ ସ୍ଥାନାନ୍ତର ଆଧାରରେ କିଛି ସର୍ତ୍ତ ରହିଛି ଯାହା ସମାନ କାର୍ଯ୍ୟ ପାଇଁ ସମାନ ବେତନର ଯୁକ୍ତିକୁ ଅଗ୍ରାହ୍ୟ କରିପାରିବ ନାହିଁ ।

ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ ଯେ ଆଦେଶର ବର୍ଣ୍ଣନାତ୍ମକ ଅଂଶର ପ୍ରକୃତ ଅର୍ଥ ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଉତ୍ତରଦାତାମାନେ ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଚାକିରି କରୁଥିଲେ ।

ତା 3.8.1990 ରିଖ ଆଦେଶର ପ୍ରାସଙ୍ଗିକ ଅଂଶ ନିମ୍ନରେ ଦିଆଗଲା:

"(ଡିଆଇଇଟିର ଅଧ୍ୟାପକ ମଣ୍ଡଳୀ) ଶିକ୍ଷା ଏବଂ ତାଲିମ ପ୍ରତିଷ୍ଠାନରେ ନିଯୁକ୍ତି ପାଇଁ ନିଯୁକ୍ତି କମିଟିର ସୁପାରିଶ ଉପରେ । *ନିମ୍ନଲିଖିତ ଅଧିକାରୀମାନଙ୍କୁ ପ୍ରତିନିଯୁକ୍ତି ଏବଂ ସ୍ଥାନାନ୍ତର ଆଧାରରେ ସେମାନଙ୍କ ନିଜସ୍ୱ ବର୍ତ୍ତମାନର ବେତନ ହାରରେ ପ୍ରତ୍ୟେକଙ୍କ ପାଇଁ ଉଲ୍ଲିଖିତ ପଦବୀ ଅନୁଯାୟୀ ନିଯୁକ୍ତି କରାଯାଇଥିଲା ।ସେମାନେ ଅନ୍ୟ କୌଣସି ଆର୍ଥିକ ସୁବିଧା, ବରିଷ୍ଠତା, ପ୍ରତିନିଯୁକ୍ତି ଭତ୍ତା ପାଇଁ ହକଦାର ହେବେ ନାହିଁ ଏବଂ ଅଧ୍ୟାପକ ପଦବୀ ପାଇଁ କୌଣସି ପ୍ରକାରେ ଅଭିଜ୍ଞତା ଲାଭ ପାଇଁ ଦାବି କରିବେ ନାହିଁ । ତା 20.07.90 ରିଖର ସରକାରୀ ଆଦେଶ ସଂଖ୍ୟା 22/7/90-Edu.IV-3577-78 ର ଅନୁପାଳନରେ ଏହି ଆଦେଶ ଜାରି କରାଯାଇଛି ।"*

ଉପରୋକ୍ତ ରେଖାଙ୍କିତ କାର୍ଯ୍ୟକଳାପକୁ ଖାଲି ପଢ଼ିବା ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଉତ୍ତରଦାତାମାନଙ୍କ ଦାବି ସ୍ପଷ୍ଟ ଭାବରେ ଗ୍ରହଣୀୟ ନୁହେଁ । ଉପରୋକ୍ତ ଆଦେଶରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିଜସ୍ୱ ବର୍ତ୍ତମାନର ବେତନ ହାରରେ ପ୍ରତିନିଯୁକ୍ତି ଏବଂ ସ୍ଥାନାନ୍ତର ଆଧାରରେ ନିଯୁକ୍ତ କରାଯାଇଥିଲା ଏବଂ ସେମାନେ କୌଣସି ଆର୍ଥିକ ଲାଭ, ବରିଷ୍ଠତା ଇତ୍ୟାଦି ପାଇବାକୁ ହକଦାର ନଥିଲେ ।

ସ୍ପଷ୍ଟ ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ରାୟରେ ଗୁରୁତର ତ୍ରୁଟି କରିଥିଲେ ଯେ ଉତ୍ତରଦାତାମାନେ ଅଧ୍ୟାପକଙ୍କ ପାଇଁ ପ୍ରଯୁଜ୍ୟ ବେତନ ହାର ପାଇବାକୁ ହକଦାର ଥିଲେ । ତେଣୁ ଏହିପରି, ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରିବା ଉଚିତ୍ ନଥିଲା ।

ଆବେଦନକୁ ଅନୁମତି ଦିଆଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଡି. ଜି. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।